## ସଂକ୍ଷେପରେ

### ପୋଇରାଶି ପଞ୍ଚାୟତ ୭ଦିନ ଶଟ୍‌ଡାଉନ୍

ଗଞ୍ଜାମ,୨୬।୭(ଡି.ଏନ୍.ଏ.)-ଗଞ୍ଜାମ ବ୍ଲକ ପୋଇରାଶି ପଞ୍ଚାୟତରେ ଗତ୨୪ ତାରିଖରୁ ରବିବାର ମଧ୍ୟରେ ୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ସ୍ଥାନୀୟ ପ୍ରଶାସନର ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ସଂକ୍ରମଣ ରୋକିବା ନିମନ୍ତେ ସ୍ଥାନୀୟ ସରପଞ୍ଚ ଏ.ସୁନିତା ପ୍ରଧାନ ଜିଲାପାଳ କ୍ଷମତା ପ୍ରୟୋଗ କରି ପଞ୍ଚାୟତକୁ ୭ ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ବିଭିନ୍ନ ଗ୍ରାମ ରାସ୍ତା ସିଲ୍ କରାଯାଇଛି। ଶଟ୍‌ଡାଉନରେ ଦୋକାନ ବଜାର ବନ୍ଦ ରହିବା ସହ କୌଣସି ମାଙ୍ଗଳିକ କାର୍ଯ୍ୟ ଓ ସଭା ସମିତି ହୋଇପାରିବ ନାହିଁ ବୋଲି ସରପଞ୍ଚଙ୍କ ଚିଠିରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଜିଲାପାଳ, ଉପଜିଲାପାଳ, ରମ୍ଭା ଓ ଗଞ୍ଜାମ ଥାନାକୁ ଜଣାଇ ଦିଆଯାଇଥିବା ସରପଞ୍ଚ ପ୍ରଧାନ ଦର୍ଶାଇଛନ୍ତି।

### ଜଙ୍ଗଲରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉ

#### ୮ଗିରଫ: ଟଙ୍କା, ବାଇକ୍ ଜବତ

ବାଲିଗୁଡା,୨୬।୭(ଡି.ଏନ୍.ଏ.)- କନ୍ଧମାଳ ଜିଲାରେ କରୋନା ସଂକ୍ରମଣ ବଢୁଥିବାବେଳେ ଶନିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଜିଲାରେ ଶଟ୍‌ଡାଉନ୍ ଜାରି ହୋଇଛି। ମାତ୍ର ଅମାନିଆଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ। ବାଲିଗୁଡ଼ା ପୋଲିସ ଡିଏସ୍‌ପି ମନୋଜ କୁମାର ପୂଜାରୀ ଓ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ବେହେରା ସଦଳବଳ ବାଲିଗୁଡା ଥାନା ଡହଳପଡି ଜଙ୍ଗଲରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୮ ଜୁଆଡିଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ଠାରୁ ୨୮,୧୦୦ ଟଙ୍କା, ୮ଟି ମୋବାଇଲ, ୮ଟି ବାଇକ୍ ଓ ୧୦ ପ୍ୟାକେଟ ତାସ ଜବତ କରିଥିଲେ। ନଂ. ୧୩୫ /୨୦ରେ ମାମଲା ରୁଜୁ କରି ଗିରଫ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଆଗଧାଡ଼ିର ଯୋଦ୍ଧାଙ୍କୁ ସୁରକ୍ଷା ଉପକରଣ

#### ରିଟୁଇଟ୍ କଲେ ମୁଖ୍ୟମନ୍ତ୍ରୀ

ଛତ୍ରପୁର,୨୬।୭(ଡି.ଏନ.ଏ.)-ଗଞ୍ଜାମ ଜିଲାରେ କୋଭିଡ୍ ମୁକାବିଲା ଓ ପରିଚାଳନା କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉଛି । ଜିଲାର ସମସ୍ତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟମାନେ ଆଗଧାଡ଼ିର ଯୋଦ୍ଧା। ସେମାନଙ୍କୁ ଗ୍ଲୋବ୍‌ସ, ମାସ୍କ, ସାନିଟାଇଜର ଆଦି ସମସ୍ତ ସୁରକ୍ଷା ଉପକରଣ ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି । ଏହାକୁ ବ୍ୟବହାର କରି କୋଭିଡ୍-୧୯ ବିରୋଧରେ ଲଢେଇରେ ସେମାନେ ସାମିଲ ହୋଇଥିବା ଜିଲା କୋଭିଡ୍ ସେଲ୍ ପକ୍ଷରୁ ରବିବାର ଟୁଇଟ୍ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ରିଟୁଇଟ୍ କରିଛନ୍ତି।

# ଜାତୀୟ ରାଜପଥ କଡ଼ରେ ସହର ଆବର୍ଜନା

ଭଞ୍ଜନଗର,୨୫।୭(ଡି.ଏନ୍.ଏ.)

ଭଞ୍ଜନଗର ସହରରୁ ବାହାରୁଥିବା ଆବର୍ଜନା ପକାଇବାକୁ ନିର୍ଦ୍ଦିଷ୍ଟ ସ୍ଥାନର ଅଭାବ ରହିଛି। ତେଣୁ ଅସ୍ଥାୟୀ ଭାବେ ବିଗତ କିଛିମାସ ହେବ ପୁରୁଣା ମତ୍ସ୍ୟ ଯାଆଁଳ କେନ୍ଦ୍ର ପରିସରରେ ଆବର୍ଜନା ପକାଇବାକୁ ଏନ୍‌ଏସି ପ୍ରଶାସନ ନିଷ୍ପତ୍ତି ନେଇଛି। ଏହି ସମସ୍ୟା ସମାଧାନ ପାଇଁ ପାର୍କ ରାସ୍ତାରେ ଥିବା ସ୍ଥାନୀୟ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ନିକଟରେ ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ ନିର୍ମାଣ ହେଉଛି। ମାତ୍ର ଉକ୍ତ କାର୍ଯ୍ୟ କରୋନା ପାଇଁ ମନ୍ଥର ଗତିରେ ଚାଲିଛି। ସେପ୍ଟେମ୍ବର ସୁଦ୍ଧା କାମ ସାରିବା ଲକ୍ଷ୍ୟ ରଖାଯାଇଛି। ଏଭଳି ପରିସ୍ଥିତିରେ ସହରରୁ ଦୈନନ୍ଦିନ ବାହାରୁଥିବା ଟ୍ରକ ଟ୍ରକ ଆବର୍ଜନା ପୁରୁଣା ମତ୍ସ୍ୟ ଯାଆଁଳ କେନ୍ଦ୍ର ପରିସରରେ ଥିବା ଅବ୍ୟବହୃତ ଜମିରେ ପକାଇବା ବଦଳରେ ଅଧିକାଂଶ ସମୟ ଜାତୀୟ ରାଜପଥ କଡରେ ପକାଇ ଦିଆଯାଉଛି। ଭଞ୍ଜନଗର ଫୁଲବାଣୀ ଜାତୀୟ ରାଜପଥ କଡରେ ଟ୍ରକ ଟ୍ରକ ଆବର୍ଜନା ପଡିବା ଦ୍ୱାରା




ରାସ୍ତା କଡରେ ଆବର୍ଜନ ପକାଯାଉଛି।।

ସହର ଶୋଭା ହରାଉଛି। ଏଥିସହ ସମ୍ପୃକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଦୁର୍ଗନ୍ଧ ଯୋଗୁ ହଇରାଣ ହେଉଛନ୍ତି। ଯେଉଁଠି ଆବର୍ଜନା ପକାଯାଉଛି ତାହା ସମ୍ମୁଖରେ ଡିଏଭି ଏବଂ ଜିଆର୍‌ସି କଲେଜ ଅଛି। ବର୍ତ୍ତମାନ ଶିକ୍ଷାନୁଷ୍ଠାନ ବନ୍ଦ ଅଛି। ତଥାପି ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ରାସ୍ତା କଡରେ ଆବର୍ଜନା ନ ପକାଇବାକୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ତଳିଆ କର୍ମଚାରୀଙ୍କୁ ବାରମ୍ବାର ତାଗିଦ୍ କରାଯାଉଛି, କିନ୍ତୁ ସେମାନେ ପ୍ରଶାସନର ନିର୍ଦ୍ଦେଶକୁ ଅଧିକାଂଶ ସମୟରେ ବିଭିନ୍ନ କାରଣରୁ ପାଳନ କରୁନାହାନ୍ତି।

ଅପରପକ୍ଷେ ଗତ ମାସରୁ ବର୍ଜ୍ୟବସ୍ତୁ ପ୍ଲାଣ୍ଟ ନିର୍ମାଣ କାମ ଆରମ୍ଭ ହୋଇଛି। ବ୍ଲକ ପ୍ରଶାସନ ଏହାର ତଦାରଖ କରୁଛି। ଏବାବଦରେ ପ୍ରାୟ ୧କୋଟି ଟଙ୍କା ଖର୍ଚ୍ଚ ହେବାକୁ ଲକ୍ଷ୍ୟ ରଖାଯାଇଛି। ଉକ୍ତ

#### କରୋନା ପାଇଁ ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ କାର୍ଯ୍ୟ ମନ୍ଥର

ଟଙ୍କାରେ ଜମିକୁ ସମତୁଲ କରିବା, ପାଚେରୀ ନିର୍ମାଣ, ନୂତନ ରାସ୍ତା ନିର୍ମାଣ, ଯନ୍ତ୍ରପାତି କିଣିବା, ବିଦ୍ୟୁତ୍ ପ୍ରମୁଖ ବାବଦରେ ଖର୍ଚ୍ଚ ହେବ। ବର୍ଷେ ପୂର୍ବେ ଏହାର ଟେଣ୍ଡର ହୋଇଥିଲା। କିନ୍ତୁ ଟେଣ୍ଡରରେ କିଛି ସମସ୍ୟା ହେବା ଯୋଗୁ ଜିଲା ପ୍ରଶାସନ ଉକ୍ତ କାର୍ଯ୍ୟକୁ ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରିଥିଲେ। ବ୍ଲକ ପକ୍ଷରୁ ବର୍ତ୍ତମାନ କାମ ଚାଲିଛି। ପ୍ଲାଣ୍ଟ ନିର୍ମାଣ ହେଲେ ସହରର ଆବର୍ଜନା ଆଉ ଖୋଲା ସ୍ଥାନରେ ପଡିବ ନାହିଁ। ପ୍ଲାଣ୍ଟରେ ସେଥିରୁ ଖତ ବାହାର କରି ବିକ୍ରି କରାଯିବ। ଏହାଦ୍ୱାରା ଏନ୍‌ଏସି କିଛି ରାଜସ୍ୱ ପାଇପାରିବ। ତୁରନ୍ତ ପ୍ରକଳ୍ପ କାମ ଶେଷ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଏନ୍‌ଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ କହିଛନ୍ତି, ନିର୍ଦ୍ଧାରିତ ସମୟରେ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# କୋରାପୁଟ: ୭ ପଜିଟିଭ ଚିହ୍ନଟ

କୋରାପୁଟ,୨୬।୭(ସ୍ୱ.ପ୍ର.)

କୋରାପୁଟ ଜିଲାରୁ ରବିବାର ୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସଦର ମହକୁମାରୁ ୬ ରହିଥିବା ବେଳେ ଜଣେ ସଙ୍ଗରୋଧକେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪୮କୁ ବୃଦ୍ଧିପାଇଥିବା ଜିଲପାଳ ମଧୁସୂଦନ ମିଶ୍ର କହିଛନ୍ତି। ଜଣେ ଟିଏମସି କ୍ୱାରାଣ୍ଟାଇନରୁ , ୩ ଜଣ ଘରୋଇ କ୍ୱାରାଣ୍ଟାଇନରୁ ଏବଂ ୩ ଜଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ କୋରାପୁଟ ମ୍ୟୁନିସିପାଲିଟିରୁ ୬ ଜଣ ରହିଛନ୍ତି। ଏହି ୬ ହେଲେ ଅମିନ ଲାଇନରୁ ଜଣେ, ଓଏମପି କୋଲନୀରୁ ୨ ଜଣ, ସାନଚିନ୍ଦ୍ରି ଅଞ୍ଚଳରୁ ଜଣେ, ବିଏସଏଫ କ୍ୟାମ୍ପରୁ ଜଣେ, ଜଣେ ଏବଂ ଗୌତମନଗର ତୃତୀୟ ଲାଇନରୁ ଜଣେ ଥିବା କୁହାଯାଇଛି। ଅନ୍ୟଜଣେ କୁନ୍ଦୁରା ବ୍ଲକ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ବିଏସ୍‌ଏଫ୍ ଯବାନ ଜଣକ ବୌଦ୍ଧ ଫେରନ୍ତା ହୋଇଥିବା ବେଳେ ଅନ୍ୟ ୬ଜଣ ସ୍ଥାନୀୟ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। କୋରାପୁଟ ଜିଲାରେ କୋରାନା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ ପାଇଁ ସର୍ଭେ ଜାରି ରହିଛି। ଜିଲାବାସୀ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ସର୍ଭେ ଟିମ୍‌କୁ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ରବିବାର ସୁଦ୍ଧା ଜିଲାରେ ୪୪୮ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୨୧୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ଅଗଷ୍ଟ ୩୧ ପର୍ଯ୍ୟନ୍ତ ଲୋକଙ୍କୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ମନା

ଜୟପୁର,୨୬।୭(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ସହର ଓ ବ୍ଲକ, ବୈପାରିଗୁଡା, କୁନ୍ଦୁରା, ବୋରିଗୁମ୍ମା, ବ୍ଲକରେ ପ୍ରତ୍ୟେହ ବହୁ ସଂଖ୍ୟାରେ କାରୋନା ରୋଗୀ ଚିହ୍ନଟ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ଯାତାୟାତ ଉପରେ ରୋକ ଲଗାଯାଇଛି। ଏହି ସମୟ ପର୍ଯ୍ୟନ୍ତ ସାଧାରଣ ଲୋକେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ପଶିପାରିବେ ନାହିଁ। ଫାଟକ ନିକଟରେ ଏକ ଅଭିଯୋଗ ବାକ୍ସ ରଖାଯିବ। ଯେଉଁମାନଙ୍କର କିଛି ଆପତ୍ତି, ଅଭିଯୋଗ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଥିବ ସେ ସମ୍ପର୍କିତ ଚିଠି ସେହି ବାକ୍ସରେ ପକାଇ ଚାଲିଯିବେ। କାର୍ଯ୍ୟାଳୟ କର୍ମଚାରୀ ସେଗୁଡିକୁ ସଂଗ୍ରହ କରି ଆଣିବେ। ପରେ ଅଭିଯୋଗକାରୀଙ୍କ ଚିଠି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଚନ୍ଦାହାଣ୍ଡିରେ ପ୍ରଥମ କରୋନା ପଜିଟିଭ ଚିହ୍ନଟ

ଚନ୍ଦାହାଣ୍ଡି, ୨୬।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସହରରେ ପ୍ରଥମ କରୋନା ପଜିଟିଭ ରବିବାର ଚହ୍ନଟ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ କିଛିଦିନ ତଳେ ବ୍ୟବସାୟିକ କାମରେ ଛତିଶଗଡ଼ର ରାୟପୁର ଯାଇଥିଲେ। ସେଠାରୁ ଫେରିବା ପରେ ଅସୁସ୍ଥ ଅନୁଭବ କରିବାରୁ ଗତ ୧୯ ତାରିଖରେ ସ୍ୱାବ ପରୀକ୍ଷା କରାଇଥିଲେ। ସେ ପ୍ରାୟ ୫୦ଜଣଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡିଛି। ଗୋଷ୍ଠୀ ସଂକ୍ରମଣ ବ୍ୟାପିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଚନ୍ଦାହାଣ୍ଡି ସରପଞ୍ଚ ଲଛମନ ମାଝି ଆଜି ସନ୍ଧ୍ୟା ୮ଟାରୁ ୬ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳକୁ ଶଟଡାଉନ ଘୋଷଣା କରିଛନ୍ତି। ଏହି ସମୟରେ



ଚନ୍ଦାହାଣ୍ଡି ବିଡ଼ିଓ ଓ ସରପଞ୍ଚ ରାସ୍ତା ସିଲ କରୁଛନ୍ତି।

କେବଳ ଔଷଧ ଦୋକାନ, ଆମ୍ବୁଲାନ୍ସ ସେବା ଓ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାରହିବ। ସମସ୍ତ ବ୍ୟାଙ୍କ, ସରକାରୀ ବେସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ରହିବ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ସେମାନଙ୍କ ପରିଚୟ ପତ୍ର ଦେଖାଇ ଯାଆସ କରିପାରିବେ। ଚନ୍ଦାହାଣ୍ଡି ସହରର ପ୍ରମୁଖ ଚାରୋଟି ରାସ୍ତାକୁ ପ୍ରଶାସନ ସିଲ କରିବା ସହ ବଫର ଜୋନ ଘୋଷଣା କରାଯାଇଛି ବୋଲି ବିଡ଼ିଓ ଧର୍ମରାଜ ମାଝି ଏବଂ ସରପଞ୍ଚ ଲଛମନ ମାଝି କହିଛନ୍ତି। ଚନ୍ଦାହାଣ୍ଡି ସହର ର ଅତ୍ୟାବଶ୍ୟକ ଜରୁରୀ ସେବା ପାଇଁ ବିଡ଼ିଓଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି।

## ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ପ୍ରକ୍ରିୟା ଆରମ୍ଭ

#### ଜିଲାପାଳଙ୍କ ନିକଟକୁ ଆସିଲା ଚିଠି

ଛତ୍ରପୁର,୨୬।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁରରେ ଚଳିତ ଶିକ୍ଷାବର୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସ ପାଇଁ ରାଜ୍ୟ ସରକାର ମଞ୍ଜୁର କରିଥିବା ଆର୍ଯ୍ୟପଲ୍ଲୀଠାରେ ୧୦ ଏକର ଜମି ଓ ନୂତନ କ୍ୟାମ୍ପସ ନିର୍ମାଣ ପର୍ଯ୍ୟନ୍ତ ଅନ୍‌ସ୍ଲୋ ହାଇସ୍କୁଲର ଏକ କୋଠାରେ ଅସ୍ଥାୟୀ କ୍ୟାମ୍ପସ ଖୋଲିବାକୁ ସରକାର ଦେଇଥିବା ଅନୁମତି ପ୍ରମାଣପତ୍ର ପ୍ରଦାନ କରିବାକୁ ଜିଲାପାଳଙ୍କ ନିକଟକୁ ଚିଠି ଆସିଛି। ବ୍ରହ୍ମପୁର କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସପାଲ ବିଘ୍ନେଶ୍ୱର ପଟ୍ଟନାୟକଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟକୁ ଏହି ଚିଠି ଆସିଛି। ଅସ୍ଥାୟୀ କ୍ୟାମ୍ପସ ପାଇଁ ପାଣି, ଡ୍ରେନେଜ୍, ଆସେମ୍ବଲି ପ୍ଲାଟଫର୍ମ, ପାଇଖାନା, ସ୍ୱତନ୍ତ୍ର ବିଦ୍ୟୁତ ସଂଯୋଗ ବ୍ୟବସ୍ଥା, ଚତୁଃପାର୍ଶ୍ୱ ସଫେଇ ଓ ଲେଭଲିଂ କରିବାକୁ ଉକ୍ତ ଚିଠିରେ କୁହାଯାଇଛି । ପ୍ରମାଣପତ୍ର ଦେଲେ ଚଳିତ ଶିକ୍ଷାବର୍ଷ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ଅନୁମତି ଦେବା ପାଇଁ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଠାରେ ଦାଖଲ କରାଯିବ ବୋଲି ପ୍ରିନ୍ସପାଲ ଚିଠିରେ ଦର୍ଶାଇଛନ୍ତି।

# ଗୁଣପୁରରୁ ୨୪ କରୋନା ପଜିଟିଭ

ଗୁଣପୁର,୨୬।୭(ଡି.ଏନ୍.ଏ.):

ରାୟଗଡ଼ା ଜିଲା ଗୁଣପୁର ପୌରାଞ୍ଚଳରେ କରୋନା ସ୍ଥିତି ଜଟିଳ ହେଉଛି। ଶନିବାର ୩୪ ପଜିଟିଭ ଚିହ୍ନଟ ହୋଇଥିବାବେଳେ ରବିବାର ପୁଣି ୨୪ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ନୀଳାଦ୍ରି ବିହାର ଲେନ-୨, ବେବର୍ତ୍ତା ସାହି, ବୃନ୍ଦାବତୀ ନଗର, ବ୍ରାହ୍ମଣ ସାହି, କଣ୍ଡାବାଉରୀ ସାହି, ଇରିଗେସନ କଲୋନୀ, ଗଙ୍ଗା ନାୟକ ସାହି, ପାଲିଆ ଢେପ, ତଳସଉରା ସାହି ଅଞ୍ଚଳରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସେହିପରି କୁମୁଟି ସାହି, ପୋଲିସ କଲୋନୀ ଏବଂ ଜୁଡିସିଆଲ୍ କଲୋନୀରୁ ୨ଜଣ ଲେଖାଏ ଏବଂ ଏସ୍‌ବିଆଇ ନିକଟ ନୀଳଚକ୍ର ନଗରରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨ଦିନ ମଧ୍ୟରେ ଗୁଣପୁର ପୌରାଞ୍ଚଳରୁ ୫୮ ଜଣ ଚିହ୍ନଟ ହୋଇଥିବାବେଳେ ପୌରାଞ୍ଚଳରେ ମୋଟ ପଜିଟିଭ ସଂଖ୍ୟା ୮୭ରେ ପହଞ୍ଚିଛି। ସେହିପରି ଇତିମଧ୍ୟରେ ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଜଣେ ୭୪ ବର୍ଷୀୟ ବୃଦ୍ଧଙ୍କ ବିଶାଖାପାଟଣାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ଅନ୍ୟପକ୍ଷରେ ୧୫ଦିନ ମଧ୍ୟରେ ସହରରେ ବିଭିନ୍ନ କାରଣରୁ ୨୮ଜଣଙ୍କ ମୃତ୍ୟୁ ଘଟିଛି। କରୋନା ଜନିତ ମୃତ୍ୟୁ ହୋଇ ନ ଥିଲେ ମଧ୍ୟ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଅନ୍ୟ କୌଣସି ରୋଗ ହେଲେ ମଧ୍ୟ ଅନେକ ଲୋକ ଡାକ୍ତରଖାନା ଯିବାକୁ ଭୟ କରୁଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରିବା ଜରୁରୀ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି। ସେହିପରି ବୈଦ୍ୟସାହି, ସାନକରଣ ସାହି, ଜେଲପେଟା, ଢେପବାଉରୀ ସାହିକୁ ସାନିଟାଇଜ୍ କରିବା ପାଇଁ ଦାବି ହେଉଛି।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମରେ ୧୬ ଗାଁ

କାଲିମେଲା,୨୬।୭(ଡି.ଏନ.ଏ)

ଭାରତ ସରକାରଙ୍କର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ ପକ୍ଷରୁ ମାଲକାନଗିରି ଜିଲା କାଲିମେଲା ବ୍ଲକର ୧୬ଟି ଗ୍ରାମକୁ ଚଳିତବର୍ଷ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ରୂପେ ଚୟନ କରାଯାଇ ଏଥିରେ ଅର୍ନ୍ତଭୁକ୍ତ କରାଯାଇଛି । ବ୍ଲକରେ ଯେଉଁ ରାଜସ୍ୱ ଗ୍ରାମରେ ଅନୁସୁଚିତ ଜାତି ବର୍ଗର ୫୦ ଭାଗରୁ ଅଧିକ ଲୋକ ବସବାସ କରୁଛନ୍ତି ସେହି ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ନିଆଯାଇଛି । ଏହି ୧୬ଟି ଗ୍ରାମ ମଧ୍ୟରେ ଲୁଗେଲ ପଞ୍ଚାୟତର ଏମପିଭି-୮୨, ଏମପିଭି-୮୩, କୋଇମେଟଲା ପଞ୍ଚାୟତର କବାସୀଗୁଡା, କୋଇମେଟଲା, କାଙ୍ଗୁରୁକୋଣ୍ଡା ପଞ୍ଚାୟତର ସାଲମାରିକୋଣ୍ଡା, ପାତାକୋଣ୍ଡା ଗ୍ରାମ, ଭୁବନପାଲି ପଞ୍ଚାୟତର କୁନାନପାଲି, ନାଲାଗୁଣ୍ଟି ପଞ୍ଚାୟତର ନାଲାଗୁଣ୍ଟି,ଲୁଗେଲ ପଞ୍ଚାୟତର ଲୁଗେଲ ଗ୍ରାମ, ଗୁମୁକା ପଞ୍ଚାୟତର ଏରବାନପାଲି,ଚିତ୍ରାଙ୍ଗପାଲି ପଞ୍ଚାୟତର ଦରାଗୁଡ଼ା, ମାନ୍ୟମକୋଣ୍ଡା ପଞ୍ଚାୟତର ବିଲିଗୁଡା,ପୁସୁଗୁଡା ପଞ୍ଚାୟତର ଏମପିଭି-୫୫, ଗମ୍ପାକୋଣ୍ଡା ପଞ୍ଚାୟତର ଏରାଗୋଣ୍ଡା ଏବଂ ତେଲରାଇ ପଞ୍ଚାୟତର ଜବାନପାଲି ଗ୍ରାମ ରହିଥିବା କାଲିମେଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭରତ ଗୁରୁ ସୂଚନା ଦେଇଛନ୍ତି । ଆଦର୍ଶ ଗ୍ରାମଗୁଡିକୁ ପକ୍କା ରାସ୍ତା,ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ପାଇଖାନା,ଗ୍ରାମବାସୀଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ,ଗ୍ରାମ ପରିମଳ,ବିଦ୍ୟୁତ ସେବା ଭଳି ମୌଳିକ ସୁବିଧା ମିଳିପାରିବ। ଏହି କାର୍ଯ୍ୟ ପାଇଁ ପ୍ରତ୍ୟେକ ଅଦର୍ଶ ଗ୍ରାମକୁ ୪୦ ଲକ୍ଷ ଲେଖାଏ ଟଙ୍କା ମିଳିବ। ୨୦ ଲକ୍ଷ କେନ୍ଦ୍ର ସରକାର ଓ ୨୦ ଲକ୍ଷ ରାଜ୍ୟ ସରକାର ଖର୍ଚ୍ଚ ବହନ କରିବେ । ଅଦର୍ଶ ଗ୍ରାମରେ କାର୍ଯ୍ୟ କାରୀ ହେବାକୁ ଥିବା ପ୍ରକଳ୍ପ ଗୁଡିକ ସମ୍ପର୍କରେ ଗ୍ରାମ କମିଟିଠାରୁ ନେବା ପରେ ଏହାକୁ ଜିଲା କମିଟିକୁ ପଠାଯାଇଛି। ସେଠାରୁ ରିପୋର୍ଟ ଆସିବା ପରେ ଗ୍ରାମଗୁଡିକରେ କାର୍ଯ୍ୟ ଆରମ୍ଭ ହେବ ।

# ଯୁବକଙ୍କୁ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ

ଖୁଣ୍ଟ,୨୬।୭(ଡିଏନ୍‌ଏ.)

ଖୁଣ୍ଟା ଥାନା ଗୋଳିଆ ଗ୍ରାମରେ ରବିବାର ରାତିରେ ଦୁର୍ବୃତ୍ତଙ୍କ ଖଣ୍ଡା ଚୋଟରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ତେଲେଙ୍ଗା ସାହିର ସମୀର ପ୍ରଧାନ (୨୪)। ଗ୍ରାମର ଦୈତାରୀ ଓଝା ରାତି ପ୍ରାୟ ୯ଟାରେ ସମୀରଙ୍କୁ ଫୋନ କରି ଶତ୍ରୁଶୋଲ ନାଳ ନିକଟକୁ ଡାକିଥିଲେ। ଉଭୟେ ସେଠାରେ କଥା ହେଉଥିବାବେଳେ ଖଣ୍ଡିଆସାହିର ୪ଜଣ ଯୁବକ ଖଣ୍ଡା ଧରି ସମୀରଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଦୁର୍ବୃତ୍ତଙ୍କ ଖଣ୍ଡା ଚୋଟରେ ଗୁରୁତର ଆହତ ହୋଇ ସମୀର ଦୌଡି ଗାଁକୁ ପଳାଇ ଆସିଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୁଣ୍ଟା ମେଡିକାଲରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର କାରଣ ଜଣାପଡି ନଥିଲେ ମଧ୍ୟ ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଚଢାଉ ଜାରି ରଖିଛି।

# ପିଡିଏସ୍ ସାମଗ୍ରୀ ବଣ୍ଟନବେଳେ ରହୁନି ସାମାଜିକ ଦୂରତା



ଖଜୁରିପଡା ବ୍ଲକର ଏକ କେନ୍ଦ୍ରରେ ଚାଉଳ ବଣ୍ଟନ କରାଯାଉଛି।

ଖଜୁରିପଡ଼ା,୨୬।୭(ଡି.ଏନ.ଏ.)

କନ୍ଧମାଳ ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ମାତ୍ର ଲୋକେ କୋଭିଡ୍ ନିୟମ ମାନିବାକୁ ନାରାଜ। ମାସ୍କ ପିନ୍ଧିବା, ସାମାଜିକ ଦୂରତା ନିୟମକୁ ବହୁ ସ୍ଥାନରେ ମାନୁ ନାହାନ୍ତି। କନ୍ଧମାଳ ଏକ ବଣପାହାଡ଼ ଘେରା ଦୁର୍ଗମ ଅଞ୍ଚଳ ହୋଇଥିବାବେଳେ ୧୫ରୁ ୨୦କିଲୋମିଟର ଦୂର ଯାଇ ଲୋକେ ପିଡିଏସ୍ ଚାଉଳ ଆଣୁଛନ୍ତି। ଏଠାରେ ସାମାଜିକ ଦୂରତା ରହୁ ନ ଥିବା ଦେଖିବାକୁ ମିଳୁଛି। ପିଡିଏସ୍ ସାମଗ୍ରୀ ବଣ୍ଟନବେଳେ କୋଭିଡ୍ ନିୟମ ପାଳନ ପାଇଁ ଯୋଗାଣ ବିଭାଗକୁ କଡା ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଡିଲର ବିଭାଗ କେହି ହେଲେ ପାଳନ କରୁନାହାନ୍ତି। ଫଳରେ କରୋନା ବ୍ୟାପିବା ଆଶଙ୍କା ଦେଖା ଦେଇଛି। ଖଜୁରିପଡ଼ା ବ୍ଲକର ପ୍ରତି ପଞ୍ଚାୟତରେ ପିଡିଏସ୍ ଚାଉଳର ବଣ୍ଟନବେଳେ କୋଭିଡ୍ ନିୟମ ପାଳନ କରାଯାଉନାହିଁ। ଚାଉଳବଣ୍ଟନବେଳେ ବର୍ଷାହେଲେ ସବୁଲୋକେ ଏକାଠି ହୋଇ ଗୋଟିଏ ସ୍ଥାନରେ ବହୁ ସମୟ ପର୍ଯ୍ୟନ୍ତ ରହୁଛନ୍ତି। ବିଗତ ଦିନରେ ଫୁଲବାଣୀ ବ୍ଲକର ଜଣେ ଯୋଗାଣ ସହାୟକ କରୋନା ସଂକ୍ରମିତ ହୋଇଥିବା ପ୍ରଶାସନ ସୂଚନା ଦେଇଥିଲା। ପିଡିଏସ୍ ଚାଉଳ ଆଣିବାକୁ ଯାଇ ସଂକ୍ରମିତ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

NATIONAL HEALTH MISSION

## OFFICE OF THE CDM & PHO, ANGUL

No.1792 Date 24.07.2020

### WALK-IN-INTERVIEW UNDER COVID-19

A walk in interview shall be conducted for the post of Paramedics to be engaged in COVID CARE HOME (CCH)/COVID GRUHAs at Panchayat level of Angul District. The details is as mentioned below.

| Sl. No. | Name of the post | Vacancy | Per day honorarium in (Rs.) | Eligibility | Date, time & venue of Walk-in-Interview | Mode of selection |
|---|---|---|---|---|---|---|
| 1. | MPHW(F) | 229 | Rs.850/- only | Unemployed Trained and Registered MPHW (F) | 05.08.2020 at 10.00 A.M. in Govt. High School, Angul | Career and Interview |

The eligible candidates of Angul district are hereby informed to attend the walk-in-interview on the above mentioned Date, Time & Venue with the following document. (Original with a set of self attested Photocopies of the original documents).

1. Completely filled up application from as available in the district website i.e. www.angul.nic.in.
2. Certificates in support of Educations (10th and 10+2 Certificate and Mark sheet).
3. Certificate in support of Technical Qualification (Pass Certificate of Auxiliary Nurse & Midwives Examination (ANM) & Certificate of Registration of Odisha Nurses & Midwives Council)
4. Medical fitness Certificate.
5. Documents in support of Age Proof.
6. Identity Proof.
7. Residence Certificate
8. Two recent color pass port size photographs.

The engagement is purely temporary, for a period of 03 (three) months only or till COVID CARE HOMEs are functional, whichever is earlier, keeping in view the emergency situation arising due to COVID-19. The engagement is terminable at any period of time without assigning any reason thereof. Further, such engagement does not confer any right on the engagee for any future engagement/regularization of such engagement. In view of spreading of COVID-19 the candidates are only allowed inside the campus of the venue and with proper mask, hand sanitization and they should maintain adequate distance from each other while appearing in the walk-in-interview. The undersigned is not responsible for any transport delay and the candidates appearing in the walk-in-interview are not permissible for any TA/DA. No ORV Rules to be implemented for the selection of the candidates as it is a temporary engagement. Personal correspondence regarding of the above walk-in-interview is strictly prohibited. Candidates are strictly informed not to submit their application and other documents over E-mail/Postal/Courier etc. Typographical error (if any) may be exempted

Sd./-
Chief District Medical & Public Health Officer, Angul

# ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

**ରାସ୍ତାରେ ମଦଢାଳି ପ୍ରତିବାଦ**

ମାଲକାନଗିରି,୨୬।୭ (ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକ ଗଙ୍ଗଲା ପଞ୍ଚାୟତର ରାଉଳିଗୁଡ଼ା ଗ୍ରାମରେ ମହିଳାମାନେ ଦେଶୀ ମଦ ବିରୋଧୀ ଆନ୍ଦୋଳନ ଆରମ୍ଭ କରିଛନ୍ତି। ମାଲକାନଗିରି ବ୍ଲକ ଉପାଧକ୍ଷା ବାଲନ୍ତୀ ଗୋପାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ରବିବାର ଏକ ବୈଠକ କରି ଏପରି ନିଷ୍ପତ୍ତି ନେଇଛନ୍ତି। ପଞ୍ଚାୟତରେ ଦିନକୁ ଦିନ ଦେଶୀ ମଦ ବିକ୍ରି ବୃଦ୍ଧି ପାଉଛି। ପୁରୁଷମାନେ ମଦ ପିଇ ଘରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଅନ୍ୟପକ୍ଷରେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ମଧ୍ୟ ହେଉଛି। ଫଳରେ ପଞ୍ଚାୟତରେ ମଦ ବିକ୍ରି ବନ୍ଦ ପାଇଁ ନିଷ୍ପତ୍ତି ନେଇ ଯେଉଁମାନେ ମଦ ବିକ୍ରି କରୁଛନ୍ତି ସେମାନଙ୍କ ମଦହାଣ୍ଡି ଭାଙ୍ଗିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପରେ ମହିଳାମାନେ ରାଉଳିଗୁଡ଼ା, ମାଡ଼ିଗୁଡ଼ା, କସମଗୁଡ଼ା ଗ୍ରାମର ବିଭିନ୍ନ



ଦେଶୀ ମଦ ଦୋକାନକୁ ଯାଇ ମଦହାଣ୍ଡି ଭାଙ୍ଗିବା ସହ ମଦ ଫୋପାଡ଼ି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ, ମା'ମାଉଳି, ମା' ତାରିଣୀ, ମା'ସରସ୍ୱତୀ, ମା' ଦୁର୍ଗା, ତ୍ରିଶକ୍ତି, ମା'ଶାରଳା, ମା'ଲକ୍ଷ୍ମୀ, ମା' ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀର ସୁନାମଣି ଧାକଡ଼, ସରସ୍ୱତୀ ଧାକଡ଼, ପାର୍ବତୀ କୋପେ, କାଞ୍ଚନ କୋପେ, ବୃନ୍ଦା କୋପେ, ସୁକୁମତି ମାଡ଼କାମି, ମଙ୍ଗତି କୋପେ, ରାଧିକା କୋପେଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ମାଲକାନଗିରିରୁ ୧୫ ଚିହ୍ନଟ

ମାଲକାନଗିରି,୨୬।୭ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ରବିବାର ୧୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୩୯୬କୁ ବୃଦ୍ଧି ପାଇଛି। ସମସ୍ତ ଚିହ୍ନଟ ବ୍ୟକ୍ତି ମାଲକାନଗିରି ପୌର ପରିଷଦ ଅଞ୍ଚଳର ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୧୨ ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ବେଳେ ୩ଜଣ ସଙ୍ଗରୋଧ ଗୃହରୁ ଚିହ୍ନଟ ହୋଇଛନ୍ତି। ଜିଲାରେ ଆକ୍ରାନ୍ତଙ୍କ ମଧ୍ୟରୁ ୨୩୬ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୧୬୦ ଜଣ ଚିକିତ୍ସାଧୀନ ଅଛନ୍ତି।

### ଘାଟି ତଳକୁ ଟ୍ରେଲର ଖସି ଡ୍ରାଇଭର ମୃତ

ଜୟପୁର ୨୬।୭ ( ନି.ପ୍ର.)-କୋରାପୁଟ ଘାଟିରେ ରବିବାର ଭୋର ସମୟରେ ଏକ ଟ୍ରେଲର ଓଲଟି ପଡିଛି। ଜୟପୁର ଅଭିମୁଖେ ଆସୁଥିବା ଟ୍ରେଲରଟି ଭାରସାମ୍ୟ ହରାଇ ଭୈରବୀ ମନ୍ଦିର ନିକଟରେ ଘାଟିର ଏକ ବୁଲାଣିରେ ଘାଟିତଳକୁ ଖସିପଡିଥିଲା। ଦୁର୍ଘଟଣାରେ ଡ୍ରାଇଭର ଚାପି ହୋଇ ରହିଥିଲେ। ଖବରପାଇ ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଟ୍ରେଲରରେ ପାଇପ ବୋଝେଇ ହୋଇ ବିଶାଖାପାଟଣାରୁ ଛତିଶଗଡର ରାୟପୁର ଅଭିମୁଖେ ଯାଉଥିଲା। ସଦର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### କରୋନାରୁ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦେଲେ ଥାନା ଅଧିକାରୀ

ଜୟପୁର,୨୬।୭(ଡି.ଏନ.ଏ)-କୋରାପୁଟ ଜିଲା ବୈପାରୀଗୁଡା ଥାନା ଅଧିକାରୀ ମହେନ୍ଦ୍ର ସାହୁ ଗତ ୯ରେ କରୋନା ଆକ୍ରାନ୍ତ ହୋଇଥିଲେ । ୧୦ଦିନ ଜୟପୁର କୋଭିଡ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ସେ ସୁସ୍ଥଭାବେ ଘରକୁ ଫେରିଥିଲେ। କିଛିଦିନ ବିଶ୍ରାମ ପରେ ସାହୁ ରବିବାର ପୁଣି ନିଜ କାର୍ଯ୍ୟରେ ଯୋଗଦେଇଛନ୍ତି । ଏହି ଅବସରରେ ତାଙ୍କୁ ଜଣେ କରୋନା ଯୋଦ୍ଧା ବୋଲି ଅଭିହିତ କରି ବରୁଣ ଗୁଣ୍ଡାପଲି ସମ୍ବର୍ଦ୍ଧିତ କରିଥିଲେ। ଟ୍ରେନିଂ ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଉପସ୍ଥିତ ଥିଲେ ।

### ନବରଙ୍ଗପୁରରୁ ୨୧ ପଜିଟିଭ

ନବରଙ୍ଗପୁର,୨୬।୭(ବି.ପ୍ର.): ନବରଙ୍ଗପୁର ଜିଲାରୁ ୨୧ ନୂଆ ପଜିଟିଭ ଚିହ୍ନଟ ହୋଇଥିବା ରବିବାର ଜିଲାପାଳ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୨୧୩ରେ ପହଞ୍ଚିଛି। ଏଥିମଧ୍ୟରୁ ୧୬୪ ଜଣ ସୁସ୍ଥ ହୋଇ ଫେରିଥିବାବେଳେ ୪୯ ସକ୍ରିୟ ମାମଲା ରହିଥିବା ଜଣାପଡ଼ିଛି। ନୂତନ ୨୧ ସଂକ୍ରମିତ ନବରଙ୍ଗପୁର ପୌରାଞ୍ଚଳ, ତେନ୍ତୁଳିଖୁଣ୍ଟି ବ୍ଲକ୍, ଚନ୍ଦାହାଣ୍ଡି, କୋଡିଙ୍ଗା, ପୋଡାଲଗୁଡ଼ା ଅଞ୍ଚଳର ବୋଲି ସୂଚନା ମିଳିଛି। ଏହା ଜଣାପଡ଼ିବା ପରେ ରବିବାର ନବରଙ୍ଗପୁର ଥାନାକୁ ସାନିଟାଇଜ୍ କରାଯାଇଛି। ସେହିପରି ଥାନାର ସମସ୍ତ କର୍ମଚାରୀଙ୍କ କରୋନା ପରୀକ୍ଷା କରାଯାଉଥିବା ସୂଚନା ମିଳିଛି। ତେବେ ଏ ନେଇ ଜିଲା ପ୍ରଶାସନ କିମ୍ବା ପୋଲିସ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ସେହିପରି ଆଇଆଟ୍‌ବି ପୋଲିସଙ୍କୁ ଅନ୍ୟ ସ୍ଥାନକୁ ପଠାଯାଇଛି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଉଥିବାବେଳେ ଭୟଭୀତ ନ ହୋଇ ନିୟମ ପାଳନ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

# ନିୟମ ମାନିଛୁ ବୋଲି ଗ୍ରାମରେ ପଶିନି କରୋନା



ଅନୁଧ୍ୟାନରେ ଯାଇଥିବା ଦଳ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ମାଲକାନଗିରି,୨୬।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଏପ୍ରିଲ ମାସରୁ କରୋନା ସମ୍ପର୍କରେ ବିଭିନ୍ନ ଅଞ୍ଚଳରେ ସରକାରୀ ଏବଂ ବେସରକାରୀ ସ୍ତରରେ ଲୋକଙ୍କୁ ସଚେତନ କରାଯାଇଥିଲା। ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟମାନେ ଜିଲାର ବିଭିନ୍ନ ଆଭ୍ୟନ୍ତରୀଣ ରାଜସ୍ୱ ଗ୍ରାମଗୁଡିକରେ ଗ୍ରାମବାସୀଙ୍କୁ କରୋନା ରୋଗ ନେଇ ସୂଚନା ଦେବା ସହ ଏହି ରୋଗ ଗ୍ରାମରେ ପ୍ରବେଶ କରାଇ ନ ଦେବାକୁ ଗ୍ରାମ ଇଷ୍ଟଦେବାଦେବୀଙ୍କ ନାମରେ ଶପଥ ପାଠ କରାଇଥିଲେ । ଗ୍ରାମବାସୀ ଶପଥ କିପରି ପାଳନ କରିଛନ୍ତି ତଦାରଖ ଲାଗି ସଂଘର ଏକ ଟିମ୍ ଜିଲାର ୭ଟି ବ୍ଲକର ବିଭିନ୍ନ ଅଞ୍ଚଳ ବୁଲିଥିଲେ। ଖଇରପୁଟ ବ୍ଲକ ଆଭ୍ୟନ୍ତରୀଣ ପାହାଡିଆ ଅଞ୍ଚଳ କୋଣ୍ଡାସାରୁ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେମାନେ ଆଲୋଚନା ବେଳେ କହିଥିଲେ ଯେ, ଆମେ ଗ୍ରାମର ଇଷ୍ଟଦେବାଦେବୀଙ୍କ ନାମରେ କରୋନା ରୋଗକୁ ଗ୍ରାମରେ ପୁରାଇଦେବୁ ନାହିଁ ବୋଲି ଶପଥ ନେଇଥିଲୁ। ସମସ୍ତ ନିୟମ ମାନି ଚଳୁଥିବାରୁ ଏଯାଏ ଆମ ଗ୍ରାମରେ କରୋନା ପ୍ରବେଶ କରିପାରିନାହିଁ ବୋଲି କହିଥିଲେ। ପ୍ରଭାକର ସୁନା, ହୃଷିକେଶ ସେଠୀ, ଭଗବାନ ସାହୁଙ୍କ ସହ ଅନ୍ୟମାନେ ଗ୍ରାମ ମୁଖିଆ ରୁପା ଖିଲ, ବଳରାମ ଗଲରି, ସଦନ ଗଲରି, ସମା ମାରି, ସହଦେବ ଶିଶା, ରାମ ପାଙ୍ଗି, ସମାରୁ ପୁଟିଆଙ୍କ ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।

# ପୌରାଞ୍ଚଳ ସମେତ ବିଭିନ୍ନ ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍

**ବଢୁଛି ସଂକ୍ରମଣ**

ନବରଙ୍ଗପୁର,୨୬।୭(ବି.ପ୍ର.):

ନବରଙ୍ଗପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଉଛି। ଗୋଷ୍ଠୀ ସଂକ୍ରମଣକୁ ଏଡ଼ାଇବା ପାଇଁ ରବିବାର ପ୍ରଶାସନ ପକ୍ଷରୁ ବିଭିନ୍ନ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଏବଂ ବଫର ଜୋନ୍‌ଭାବେ ଘୋଷଣା କରାଯାଇଛି। ନନ୍ଦାହାଣ୍ଡି ବ୍ଲକ୍ ପଡାଲଗୁଡା ପଞ୍ଚାୟତର ଜାନକୀ ନଗର, ପୋଲିସ ବ୍ୟାରେକ୍, ନବରଙ୍ଗପୁର ବ୍ଲକ୍‌ର ଅଗ୍ନିପୁର ସରକାରୀ ପଲିଟେକନିକ କଲେଜ ଓ ତେନ୍ତୁଳିଖୁଣ୍ଟି ବ୍ଲକ୍ କଲୋନୀକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିପରି ନନ୍ଦାହାଣ୍ଡି ବ୍ଲକ୍‌ର ଦହଣା ଗ୍ରାମ ପ୍ରବେଶ ପଥ, ଉମରକୋଟ ବ୍ଲକ୍‌ର କୁସୁମଗୁଡ଼ା, ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ତହସିଲ ଛକଠାରୁ ଇଣ୍ଡେନ୍ ଗ୍ୟାସ୍ ଏଜେନ୍ସି ପର୍ଯ୍ୟନ୍ତ। ସେହିପରି ନବରଙ୍ଗପୁର ପୌରାଞ୍ଚଳର ଗଦବାଗୁଡ଼ା ଶାସ୍ତ୍ରୀ କ୍ଲବ୍ ଅଞ୍ଚଳ, ଆର.କେ. କଲୋନୀ-୩ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଓ ବଫର୍ ଜୋନ୍ ଘୋଷଣା କରାଯାଇଛି। ଏନେଇ ଜିଲାପାଳ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହା ଅଗଷ୍ଟ ୫ ପର୍ଯ୍ୟନ୍ତ ବଳବତ୍ତର ରହିବ। ଉପଜିଲାପାଳ ଭାସ୍କର ରଇତୋଙ୍କୁ କଣ୍ଟେନମେଣ୍ଟ ଏବଂ ବଫର୍ ଜୋନ୍ ନିରୀକ୍ଷଣ ଦାୟିତ୍ୱ ଦିଆଯାଇଛି। ଉପଜିଲାପାଳଙ୍କ ସମେତ ପ୍ରତି କଣ୍ଟେନମେଣ୍ଟ ଜୋନ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ସେହିପରି ପୋଲିସ ପକ୍ଷରୁ ନବରଙ୍ଗପୁର ୨୬ ନଂ. ଜାତୀୟ ରାଜପଥ ତେଲିସାହି ଛକଠାରେ ଏକ ଯାଞ୍ଚ କେନ୍ଦ୍ର ଖୋଲାଯାଇଛି।

## ରାୟଗଡ଼ା ଜିଲାରୁ ୪୫ କରୋନା ପଜିଟିଭ: ୫ କରୋନା ଯୋଦ୍ଧା

ରାୟଗଡ଼ା ଅଫିସ,୨୬।୭:

ରାୟଗଡ଼ା ଜିଲାରୁ ପୁଣି ୪୫ କରୋନା ପଜିଟିଭ ଚିହ୍ନଟ ହୋଇଥିବା ରବିବାର ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ୫ କରୋନା ଯୋଦ୍ଧା ରହିଛନ୍ତି। ସମସ୍ତ ସଂକ୍ରମିତଙ୍କୁ କଣ୍ଟାକ୍ଟ ଟ୍ରେସିଂ ସମୟରେ ଏବଂ କଣ୍ଟେନମେଣ୍ଟ ଜୋନ୍‌ରୁ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରେ ୨୩ ମହିଳା ଏବଂ ୨୨ ପୁରୁଷ ରହିଛନ୍ତି। ୪୫ ସଂକ୍ରମିତଙ୍କ ମଧ୍ୟରୁ ଗୁଣପୁର ଅଞ୍ଚଳରୁ ସର୍ବାଧିକ ୨୫ଜଣ ରହିଛନ୍ତି। ସେହିପରି ରାୟଗଡ଼ା ସହରାଞ୍ଚଳରୁ ୧୮ ଏବଂ ଗ୍ରାମାଞ୍ଚଳରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଏଥିସହ ଜଲାରେ ମୋଟ ପଜିଟିଭ ସଂଖ୍ୟା ୫୩୨ରେ ପହଞ୍ଚିଛି। ସେଥିମଧ୍ୟରୁ ୨୧୦ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି। ଭୁବନେଶ୍ୱରକୁ ପଠାଯାଇଥିବା ନମୁନା ମଧ୍ୟରୁ ୩୧ ରିପୋର୍ଟ ପଜିଟିଭ ଆସିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ପରୀକ୍ଷାଗାରରେ ଆଉ ୧୪ ଜଣ ଚିହ୍ନଟ ହେଇଥିବା ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ ସୂଚନା ଦେଇଛନ୍ତି। ଆର୍‌ଆର୍‌ଟି ଟିମ୍ କଣ୍ଟାକ୍ଟ ଟ୍ରେସିଂରେ ଲାଗିପଡ଼ିଛନ୍ତି। ସତର୍କତା ଅବଲମ୍ବନ କଲେ ଜିଲା କରୋନା ମୁକ୍ତ ହୋଇପାରିବ ବୋଲି ଜିଲାପାଳ କହିଛନ୍ତି।

## ସବୁଜ,ସ୍ୱଚ୍ଛ ଗ୍ରାମ ଅଭିଯାନରେ ଲାଗିଲା ଚାରା

କାଳିମେଳା,୨୬।୭(ଡି.ଏନ.ଏ)

କାଳିମେଳା ବ୍ଲକ ଏମଭି-୯୦ ଗ୍ରାମର ବଜରଙ୍ଗବାଲି ଯୁବକ ସଂଘ ପକ୍ଷରୁ ସବୁଜ ଓ ସ୍ୱଚ୍ଛ ଗ୍ରାମ ଅଭିଯାନ ଆରମ୍ଭ ହୋଇଛି। ମାଲକାନଗିରିସ୍ଥିତ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ କ୍ଲିନ ଭିଲେଜ ଗ୍ରୀନ ଭିଲେଜ ଅଭିଯାନରେ ସଂଘ ସଦସ୍ୟମାନେ ଏମଭି-୯୦ ଗ୍ରାମରୁ ସ୍ଥାନୀୟ କଲେଜ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ପାର୍ଶ୍ୱରେ ଚାରାରୋପଣ କରିଥିଲେ। ଶିକ୍ଷକ ନବ କିଶୋର ମଲ୍ଲିକ,ଧ୍ରୁବ ଚରଣ ନାୟକ ମୁକେଶ ରାୟ, ସୁମିତ ରାୟ,ନିହିର ମଣ୍ଡଳଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## ଜୟପୁର ମୁଖ୍ୟ ଡାକଘର ୭୨ ଘଣ୍ଟା ବନ୍ଦ

ଜୟପୁର,୨୬।୭(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ସହରର ମୁଖ୍ୟ ଡାକଘରର ଜନୈକ ବରିଷ୍ଠ ଅଧିକାରୀ କାରୋନାରେ ଆକ୍ରାନ୍ତ ନେଇ ରବିବାର ଘୋଷଣା ପରେ ପ୍ରଶାସନ ପକ୍ଷରୁ ଡାକଘରକୁ ୭୨ ଘଣ୍ଟା ଶଟ୍‌ଡାଉନ କରାଯାଇଛି। ଫଳରେ ୩ ଦିନ ଧରି ମୁଖ୍ୟ ଡାକଘର ବନ୍ଦ ରହିବ। ବରିଷ୍ଠ ଅଧିକାରୀ ଜଣକ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ସୁପରିଣ୍ଟେଣ୍ଡେଣ୍ଟ ମନୋଜ ପାଗୋଡା ଭୁବନେଶ୍ୱର ପୋଷ୍ଟମାଷ୍ଟର ଜେନରାଲଙ୍କ ସହ ଆଲୋଚନା ଏହି ଘୋଷଣା କରିଛନ୍ତି। ଆସନ୍ତା ସୋମବାରଠାରୁ ବୁଧବାର ପର୍ଯନ୍ତ ମୁଖ୍ୟଡାକଘର ଗ୍ରାହକ ସେବା ନିମନ୍ତେ ବନ୍ଦ ରହବ। ମୁଖ୍ୟ ଡାକଘରକୁ ସାନିଟାଇଜ କରାଯିବା ସହ ସମସ୍ତ କର୍ମଚାରୀଙ୍କ ପରୀକ୍ଷା କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆକ୍ରାନ୍ତ ଅଧିକାରୀଙ୍କୁ କୋଭିଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

## ଦୁଇ ଗୋଷ୍ଠୀ ମାରପିଟ ଘଟଣାରେ ୩ ଗିରଫ

ଜୟପୁର,୨୬।୭(ଡି.ଏନ୍.ଏ.)

**ଦାଦାବଟିକୁ ନେଇ ଆକ୍ରମଣ ଅଭିଯୋଗ**

ଜୟପୁର ଟାଉନଥାନା ନୂଆସାହି ତୃତୀୟ ଲେନରେ ଶୁକ୍ରବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ମାରପିଟ ଘଟଣାରେ ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ସାହିର ସଦନ ଅନକା(୫୨), ସୁନିଲ ଚରଣ(୪୭) ଏବଂ କୋମଳ ମହାନ୍ତି (୩୮)। ସେହିପରି ଦାଦାବଟିକୁ ନେଇ ଆକ୍ରମଣ କରାଯାଇଥିବା ନେଇ ଏହି ଘଟଣାରେ ଗୁରୁତର ହୋଇଥିବା ପ୍ରବୀର ମହାନ୍ତିଙ୍କ ସ୍ତ୍ରୀ ରାକ୍ଷୀ ଅଭିଯୋଗ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ୫ଜଣ ଫେରାର ଅଛନ୍ତି। ଖୁବ୍ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ବାଲେଶ୍ୱର ଗିଧି କହିଛନ୍ତି। ପ୍ରକାଶ ଯେ, ଗତ ଶୁକ୍ରବାର ରାତିରେ ଗୋଟିଏ ଗୋଷ୍ଠୀର ୫ରୁ ଉର୍ଦ୍ଧ୍ୱ ଯୁବକ ବିଭିନ୍ନ ମାରଣାସ୍ତ୍ର ନେଇ ପ୍ରବୀରଙ୍କ ଘର ସମ୍ମୁଖରେ ପହଞ୍ଚି ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଖଣ୍ଡା, ଭୁଜାଲି ଆକ୍ରମଣରେ ପ୍ରବୀରଙ୍କ ଡାହଣ ହାତର ଦୁଇଟି ଆଙ୍ଗୁଠି ଛିଣ୍ଡି ଯାଇଛି ଏବଂ ଶରୀର ଅନ୍ୟ ସ୍ଥାନରେ ଗଭୀର ମାଡ ଲାଗିଛି। ଏଥିରେ ସେ ଗୁରତର ହୋଇଛନ୍ତି । ଏହାପରେ ପ୍ରବିଣଙ୍କ ଗୋଷ୍ଠୀ ସେମାନଙ୍କ ଉପରେ ପ୍ରତି ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ବିଳମ୍ବରେ ପୋଲିସ ପହଞ୍ଚିବା ଯୋଗୁ ଏଭଳି ଅଘଟଣ ଘଟିଥିବା ସାହିବାସିନ୍ଦା ଅଭିଯୋଗ କରିଥିଲେ।

## ଗୁଣପୁରରୁ ପଠାଗଲା ମାଟି, ଜଳ



ମାଟି ପୂଜନକରି ସଂଗ୍ରହ କରାଯାଉଛି।

ଗୁଣପୁର,୨୬।୭(ଡି.ଏନ୍.ଏ.)

**ଅଯୋଧ୍ୟା ରାମ ମନ୍ଦିର ପାଇଁ ଭୂମିପୂଜା**

ଅଗଷ୍ଟ ୫ ତାରିଖରେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ରାୟଗଡ଼ା ଜିଲା ଗୁଣପୁରର ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ଗୁଣପୁରରୁ ପବିତ୍ର ମାଟି ଏବଂ ଜଳକୁ ଯଥାରୀତି ପୂଜା କରାଯାଇ ସଂଗ୍ରହ କରାଯାଇଛି। ଅଦ୍ୱୈତ ବେଦାନ୍ତ ଆଶ୍ରମ ଏବଂ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ମିଳିତ ଭାବେ ଆଶ୍ରମ ପରିସରରୁ ମାଟି ଓ ଜଳ ପୂଜନ କରାଯାଇ ସଂଗ୍ରହ କରାଯାଇଛି। ଅଦ୍ୱୈତ ବେଦାନ୍ତ ଆଶ୍ରମର ନଳିନୀ ମହାନ୍ତି ମନ୍ତ୍ର ଉଚ୍ଚାରଣ ପୂର୍ବକ ପୂଜା ବିଧିକରି ତାହାକୁ ସଂଗ୍ରହ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଗୁଣପୁର ଶାଖାର ସତ୍‌ସଙ୍ଗ ପ୍ରମୁଖ ନରସିଂହ ପଟ୍ଟନାୟକ, ୱାଇ.ଗଣପତି ରାଓ, ଶ୍ରୀନିବାସ ସ୍ୱାଇଁ ପଶ୍ଚିମ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଗୋପାଳକୃଷ୍ଣ ଦେଓପାତ୍ର, ସଂଯୋଜକ ବସନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରନ୍ଧାମଦ ଉପରେ ରୋକ ଲଗାଇବା ଦାବି

ନବରଙ୍ଗପୁର,୨୬।୭(ବି.ପ୍ର.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମା ସହ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଦେଶୀ ରନ୍ଧାମଦ ବିକ୍ରି ବଢିବାରେ ଲାଗିଛି। କୋଭିଡ-୧୯ ଲକ୍‌ଡାଉନ ସମୟରେ ବେଆଇନ ଦେଶୀ ମଦ କାରବାର ଉପରେ ଚଢାଉ ହୋଇପାରୁନି। ଅବକାରୀ ନିରିକ୍ଷକଙ୍କ ନିକଟରେ ଅଭିଯୋଗ ହେଲେ ମଦ ବ୍ୟବସାୟୀମାନେ ପୂର୍ବରୁ ସୂଚନା ପାଇ ସହଜରେ ଖସି ପଳାଉଛନ୍ତି। ତେଣୁ ଜିଲାପାଳ ଦୃଷ୍ଟି ଦେଇ ଏହି ବେଆଇନ ମଦ କାରବାର ଉପରେ ରୋକ ଲଗାଇବାକୁ ଦାବି ହୋଇଛି।

# ୬୬୦ କେଜି ଗଞ୍ଜେଇ ଜବତ, ବାପପୁଅ ଗିରଫ

କୋରୁକୋଣ୍ଡା, ୨୬।୭(ଡି.ଏନ.ଏ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ରବିବାର ୬୬୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବରପାଇ ଏସଆଇ ରଜନୀକାନ୍ତ ଦୀପ ଶନିବାର ସନ୍ଧ୍ୟାରେ ରାଙ୍ଗାମଗୁଡା ଗ୍ରାମରେ ଜଗି ରହିଥିଲେ। ଏହି ସମୟରେ କେତେକ ଲୋକ ଭାର ନେଇ ଆସୁଥିବା ଦେଖିଥିଲେ। ତେବେ ସମ୍ପୃକ୍ତ ବ୍ୟକ୍ତିମାନେ ପୋଲିସକୁ ଦେଖି ଭାର ଫିଙ୍ଗି ଦେଇ ଘଞ୍ଚ ଜଙ୍ଗଲ ମଧ୍ୟରେ ପଶି ଯାଇଥିଲେ। ପୋଲିସ ସେମାନଙ୍କୁ ଗୋଡ଼ାଇ ୨ ଜଣଙ୍କୁ ଧରଥିଲା। ଗିରଫ ୨ ବ୍ୟକ୍ତି ହେଲେ ଧନପତି ଖିଲ(୫୫) ଏବଂ ଲଳିତ ଖିଲ(୩୫)। ଦୁହେଁ ବାପ ଏବଂ ପୁଅ ହୋଇଥିବା ଜଣାପଡିଛି। ସେମାନଙ୍କ ଘର ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ମାଟାମଗୁଡା ଗ୍ରାମରେ ବୋଲି ଜଣାପଡିଛି। ଏହି ସମୟରେ ପୋଲିସ ୩୦ ବସ୍ତାରୁ ୬୬୦ କିଲୋ ଗଞ୍ଜେଇ ଜବତ କରିଛି। ଏହାର ବଜାର ମୂଲ୍ୟ ୧୩ ଲକ୍ଷ ୩୨ ହଜାର ଟଙ୍କା ହେବ ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ମିଳନ ମଜୁମଦାର କହିଛନ୍ତି। ଗିରଫ ୨ ବ୍ୟକ୍ତିଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଜଗଦିଶ ବାରା ପ୍ରକାଶ କରିଛନ୍ତି।



ଜବତ ଗଞ୍ଜେଇ ଏବଂ ଗିରଫ ୨ ଅଭିଯୁକ୍ତ।

# ଚାଷ ଦେଇଛି ସଫଳତା

- ଉଦାହରଣ ପାଲଟିଛନ୍ତି କ୍ରିଷ୍ଣା
- ଫସଲରେ ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ
- ଲୋକଙ୍କୁ ନୀରୋଗ, ସ୍ୱାବଲମ୍ବୀ କରିବା ଲକ୍ଷ୍ୟ
- ଲେମନ ଗ୍ରାସରୁ ପ୍ରସ୍ତୁତ ତେଲ, ଚା'ପତିର ବଢୁଛି ଚାହିଦା

ନବରଙ୍ଗପୁର,୨୬।୭(ବି.ପ୍ର.)

ଚାଷ ଲାଭଦାୟକ ନୁହେଁ ବୋଲି ଭାବି ଅନେକ ଚାଷୀ ଏବେ କୃଷି କାର୍ଯ୍ୟରୁ ବିମୁଖ ହେଉଛନ୍ତି। ଏହା ଭୁଲ୍ ଧାରଣା। ଅନେକ ଲାଭଦାୟକ ଫସଲ ରହିଛି। ସେ ସବୁ ଚାଷ କଲେ ଚାଷୀ ଆର୍ଥିକ କ୍ଷେତ୍ରରେ ମଜଭୁତ ହୋଇପାରିବେ। ଗୋଟିଏ ଫସଲ ନଷ୍ଟ ହେଲେ ଅନ୍ୟ ଏକ ଫସଲ ତାହାର କ୍ଷତି ଭରଣା ହୋଇପାରିବ ବୋଲି କହିଛନ୍ତି ନବରଙ୍ଗପୁର ଜିଲା ଡଙ୍ଗରଭେଜା ପଞ୍ଚାୟତ ସରୁଗୁଡା ଗ୍ରାମର କ୍ରିଷ୍ଣାଚନ୍ଦ୍ର ନାୟକ। ଏମ୍‌ବିଏ କରିଥିଲେ ମଧ୍ୟ କ୍ରିଷ୍ଣାଙ୍କ ଚାଷ ପ୍ରତି ଦୁର୍ବଳତା ଥିଲା। ଚାଷ ଏକ ଲାଭଦାୟକ ବ୍ୟବସାୟ, ଏଥିରେ କୌଣସି କ୍ଷତି ନ ଥିବାରୁ ସେ ଏଥିପ୍ରତି ମନ ବଳାଇଥିଲେ ବୋଲି କହନ୍ତି। ସରକାରୀ ସହାୟତାରେ ଚାରା ଓ ବିହନ ପାଇ ବିଭିନ୍ନ ସୁଗନ୍ଧି ଏବଂ ଔଷଧୀୟ ବୃକ୍ଷ ଚାଷ କରିଛନ୍ତି। ଏହା ତାଙ୍କପାଇଁ ବେଶ ଲାଭଦାୟକ ହୋଇପାରିଛି।

ହାଇଦ୍ରାବାଦର ସେଣ୍ଟ୍ରାଲ ଫୁଡ ଟେକ୍ନୋଲୋଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ସି.ଏଫ.ଟି.ଆର.ଆଇ)ରେ ୨୦୧୯ରେ କ୍ରିଷ୍ଣାଚନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ତାଲିମ ନେଇଥିଲେ। ଏଥିସହ ନ୍ୟାଶନାଲ ବଟାନିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ଏନ୍.ବି.ଆର୍.ଆଇ.)ରୁ ଜୈବିକ ସାର ଉତ୍ପାଦନ ତାଲିମ ନେଇଥିଲେ। ଚାଷ କରିଥିବା ଲେମନ ଗ୍ରାସରୁ ଉତ୍ପାଦିତ ଫସଲରୁ 'ଉମାଶଙ୍କର' ବ୍ରାଣ୍ଡରେ ଚା'ପତି ପ୍ରସ୍ତୁତ କରିଥିଲେ। ଏହାର ୨ଶହ ଗ୍ରାମ ପ୍ୟାକେଟର ଦାମ ୧୦୯ ଟଙ୍କା ରହିଛି। ଚଳିତ ବର୍ଷ ୨୦ ଏକର ଜମିରେ ଶିଖର ଓ କ୍ରିଷ୍ଣା ନାମରେ ଦୁଇଟି କିସମର ଚାଷ କରିଛନ୍ତି। ପ୍ରତି ଏକର ପିଛା ୨୦ ଲିଟର ତେଲ ବାହାରିବ। ୧ ଲିଟର ତେଲର ଦାମ୍ ରହିଛି ପ୍ରାୟ ୧ହଜାର ଟଙ୍କା। ବର୍ଷରେ ୪ଥର ଏହି ଫସଲ କଟାଯାଇ ତେଲ ବାହାର କରାଯିବ। ନିଜ ବ୍ରାଣ୍ଡରେ କ୍ରିଷ୍ଣା ଏକ ପ୍ରୋଟିନ ପାଉଡ଼ର ପ୍ରସ୍ତୁତ କରିଛନ୍ତି। ଏହାଛଡ଼ା ସେ ଉମାଶଙ୍କର ଜୈବିକ ମଲଟି ଭିଟାମିନ ନାମକ ଏକ ଜୈବିକ ସାର ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏହି ସାରର ୨୫ କିଲୋ ପ୍ୟାକେଟର ଦାମ ରହିଛି ୭୫୦ ଟଙ୍କା। ସେହିଭଳି ଉମାଶଙ୍କର ସଏଲ ଅମୃତ ନାମରେ ଆଉ ଏକ ଜୈବିକ ସାର ବଜାରରେ ଉପଲବ୍ଧ କରାଉଛନ୍ତି , ଯାହାର ମୂଲ୍ୟ ୬ କିଲୋକୁ





କ୍ରିଷ୍ଣାଚନ୍ଦ୍ର ଲେମନ ଗ୍ରାସରୁ ପ୍ରସ୍ତୁତ ଚା'ପତି ଓ ପ୍ରୋଟିନ ପାଉଡର ଦେଖାଉଛନ୍ତି।

୩୬୦ ଟଙ୍କା ରହିଛି। ସେ କେଶୋଣି କିସମର ଏକ ହଳଦୀ ଚାଷ କରିଛନ୍ତି। ହଳଦୀ କିଲୋ ପ୍ରତି ୭୦ ଟଙ୍କା ରହିଥିବା ବେଳେ ଏହାର ପତ୍ରରୁ ତେଲ ବାହାରୁଛି, ଯାହାକି ଔଷଧ ଓ କସମେଟିକ ତିଆରିରେ ପ୍ରୟୋଗ କରାଯାଉଛି। ଗୋଟିଏ ଏକର ଚାଷ କଲେ ପ୍ରାୟ ୩୦ ହଜାର ଟଙ୍କାର ତେଲ ବାହାରିବ। ଏହାଛଡ଼ା ସେ ପ୍ରାୟ ଅଧ ଏକର ଜମିରେ ପାମାରୋଜା ଚାଷ କରିଛନ୍ତି। ପାମାରୋଜା ଗଛର ପତ୍ରରୁ ବାହାରୁଥିବା ତେଲ ରୋଜ ପରଫ୍ୟୁମ ତିଆରିରେ ସହାୟକ ହୋଇପାରୁଛି। ଏଥିସହ ଅଧ ଏକର ଜମିରେ ଫୁଲ ଚାଷ କରିଛନ୍ତି। ଚାଷ କରିଥିବା ସେଟ୍ରୋନେଲା ଗଛ ପତ୍ରରୁ ବାହାରୁଥିବା ତେଲ ମଶାଧୂପରେ ବ୍ୟବହାର କରାଯାଉଛି। ସି.ଏସ୍.ଆର.ଆଇ ଓ ଏନ.ବି.ଆର.ଆଇ. ପକ୍ଷରୁ ତାଙ୍କୁ ଫୁଲ, ହଳଦୀ ବିହନ ଓ ଚାରା ମିଳିଛି। ସିମାପ ଲେମନ ଗ୍ରାସ ଚାରା ଯୋଗାଇ ଦେଉଛି। ଲୋକଙ୍କୁ ସୁସ୍ଥ ଓ ନିରୋଗ ରଖିବା ଏବଂ କର୍ମ ନିଯୁକ୍ତି ଯୋଗାଇ ଦେବା ଲକ୍ଷ୍ୟରେ ସେ ଚାଷ କାମ ଆରମ୍ଭ କରିଥିବା କହିଛନ୍ତି। ଜୈବିକ ସାର ବ୍ୟବହାର କଲେ ଜମିର ଉର୍ବରତା ରକ୍ଷା କରାଯାଇପାରିବ। ଚାଷ ପାଇଁ ଜିଲା ପ୍ରଶାସନ ଓ କୃଷି ବିଭାଗ ସହଯୋଗ କରୁଛି। ବ୍ୟାଙ୍କ ପକ୍ଷରୁ ଋଣ ବ୍ୟବସ୍ଥା ନାହିଁ। ବ୍ୟାଙ୍କ ସହଯୋଗ କଲେ ଆହୁରି ଆଗେଇ ପାରନ୍ତୁ ବୋଲି କ୍ରିଷ୍ଣା କହିଛନ୍ତି।

